ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ ଏବଂ ଅନ୍ୟଜଣେ

ବନାମ

ଭି. ଏନ. ଶର୍ମା

ସେପ୍ଟେମ୍ବର 5, 1994

[କେ. ରାମସ୍ୱାମୀ ଏବଂ ଏନ୍. ଭେଙ୍କଟଚଲା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ: ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ (ସଂଶୋଧିତ ବେତନ) ବିନିୟମାବଳୀ, 1988 ।*

*ବିନିୟମାବଳୀ 3, 8 । ଉଚ୍ଚ ସ୍ତରକୁ ପଦୋନ୍ନତି- ଉଚ୍ଚ ସ୍ତରରେ ବେତନ ନିର୍ଦ୍ଧାରଣ- ସର୍ବନିମ୍ନ ଦୁଇଟି ବର୍ଦ୍ଧିତ ବେତନ- ବିନିୟମାବଳୀର ସୁବିଧା ଭାବୀ ପ୍ରକୃତିର- ବିନିୟମାବଳୀର ପ୍ରକାଶନ ପୂର୍ବରୁ ପଦୋନ୍ନତି ପାଇଥିବା ବ୍ୟକ୍ତିଗଣ- ଏ'ପରି ସୁବିଧା ପାଇବାକୁ ହକଦାର ନୁହଁନ୍ତି ।*

**ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ (ସଂଶୋଧିତ ବେତନ) ବିନିୟମାବଳୀ, 1988 ଜାନୁଆରୀ 1, 1988 ରେ କାର୍ଯ୍ୟକାରୀ ହୋଇଥିଲା, ବିନିୟମାବଳୀ 8 ଦୁଇଟି ବୃଦ୍ଧିର ସୁବିଧା ଦେଇ ପଦୋନ୍ନତି ଉପରେ ଦରମା ସ୍ଥିର କରିବାର ବ୍ୟବସ୍ଥା ପ୍ରଦାନ କରୁଥିଲା । ବିନିୟମାବଳୀଗୁଡ଼ିକ ଭାବୀ ପ୍ରକୃତିର ।**

**ବିନିୟମାବଳୀର ପ୍ରକାଶନ ପୂର୍ବରୁ ପଦୋନ୍ନତି ପାଇଥିବା ପ୍ରତିବାଦୀ ଦୁଇଟି ବୃଦ୍ଧିର ସୁବିଧା ଦାବି କରିଥିଲେ । ପ୍ରତ୍ୟାଖ୍ୟାନ ହେବା ପରେ ସେ ଏକ ରିଟ ଆବେଦନ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ଉଚ୍ଚ ନ୍ୟାୟାଳୟ ଏହି ସୁବିଧାକୁ ମଞ୍ଜୁର କରିଥିଲେ । ତେଣୁ ଆବେଦନକାରୀ ବୋର୍ଡ ଦ୍ୱାରା ଏହି ଆବେଦନଟି କରାଯାଇଛି ।**

**ଆବେଦନଟିର ଫଏସଲା କରି, ଏହି ନ୍ୟାୟାଳୟ**

**କହିଲେ 1. 1 ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ (ସଂଶୋଧିତ ବେତନ) ବିନିୟମାବଳୀ, 1988 ଭାବୀ ପ୍ରକୃତିର ଏବଂ କେବଳ ବିନିୟମାବଳୀ କାର୍ଯ୍ୟକାରୀ ହେବା ପରେ ଯେଉଁମାନେ ଯୋଗ୍ୟତା ହାସଲ କରିଥିଲେ ଏବଂ ପଦୋନ୍ନତି ପାଇଥିଲେ ସେମାନେ ଦୁଇଟି ଅଗ୍ରୀମ ବୃଦ୍ଧି ପାଇବାକୁ ହକଦାର ଅଟନ୍ତି ଏବଂ ଯେଉଁମାନେ ଏହି ବିନିୟମାବଳୀ କାର୍ଯ୍ୟକାରୀ ହେବା ପୂର୍ବରୁ ପଦୋନ୍ନତି ପାଇଛନ୍ତି ସେମାନେ ନୁହଁନ୍ତି ।** ***ଅଣ-ବିରୋଧାଭାସ*** **ଖଣ୍ଡ ଏବଂ ବିନିୟମ 3 ମଧ୍ୟ ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଯଦି କୌଣସି ଅସଙ୍ଗତି ଥାଏ, ତେବେ ବିନିୟମ ଅନ୍ୟ ଯେକୌଣସି ନିୟମାବଳୀ ଉପରେ ପ୍ରାଧାନ୍ୟ ପାଇବ । ତେଣୁ, ପ୍ରତିବାଦୀଙ୍କୁ ସୁବିଧା ପ୍ରଦାନ କରିବାରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ତ୍ରୁଟି କରିଥିଲେ ।**

**1.2. ତେବେ ସେ ଯାହା ହେଉ, ଯେହେତୁ ପ୍ରତିବାଦୀ ପୂର୍ବରୁ ଚାକିରୀରୁ ଅବସର ନେଇସାରିଥିଲେ, ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ।**

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 6895/1994

ସି.ଡବ୍ଲ୍ୟୁ.ପି. ସଂଖ୍ୟା 3081/1993 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର ତା 31.1.1994 ରିଖର ରାୟ ତଥା ଆଦେଶରୁ

ଆବେଦନକାରୀମାନଙ୍କ ପକ୍ଷରୁ ସରୂପ ସିଂହ ଏବଂ ସୁଶ୍ରୀ କୀର୍ତ୍ତି ମିଶ୍ର

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା: ଅନୁମତି ମଞ୍ଜୁର କରାଗଲା ।

ଏହି ଆବେଦନରେ ବିଚାର ପାଇଁ ଉଠୁଥିବା ଏକମାତ୍ର ପ୍ରଶ୍ନ ଏହିକି ଯେ ପ୍ରତିବାଦୀ ଦୁଇଟି ଅଗ୍ରୀମ ବୃଦ୍ଧି ପାଇବାକୁ ହକଦାର ଅଟନ୍ତି କି, ଯାହା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାନୁଆରୀ 31, 1994 ରେ ଦେୱାନୀ ଡବ୍ଲୁ.ପି. ସଂଖ୍ୟା 3081/1993 ରେ ମଞ୍ଜୁର କରାଯାଇଥିଲା । ଆବେଦନକାରୀ 'ପଞ୍ଜାବ ରାଜ୍ୟ ବିଦ୍ୟୁତ ବୋର୍ଡ' (ସଂଶୋଧିତ ବେତନ

ବିନିୟମାବଳୀ, 1988) ନାମରେ ବୈଧାନିକ ବିନିୟମାବଳୀ ପ୍ରଣୟନ କରିଥିଲେ, ଯାହା ତା 1 ଜାନୁଆରୀ 1988 ରିଖରେ କାର୍ଯ୍ୟକାରୀ ହୋଇଥିଲା । ବିନିୟମାବଳୀର ନିୟମ 3, ଯାହା କୁହେ ଯେ ଏହି ବିନିୟମାବଳୀରେ ବିଷୟ କିମ୍ବା ପ୍ରସଙ୍ଗରେ କିଛି ବିରୋଧାଭାସ ନ ଥିଲେ ବିନିୟମାବଳୀର ପ୍ରାଧାନ୍ୟର ପ୍ରଭାବ ରହେ । ବିନିୟମାବଳୀ 8 ଅଧୀନରେ ପଦୋନ୍ନତି ଉପରେ ବେତନ ସ୍ଥିର କରିବାର ବ୍ୟବସ୍ଥା ଏ'ପରି ରହିଛି: ଏହି ବିନିୟମାବଳୀରେ ଯାହା କିଛି ଅନ୍ତର୍ଗତ ଥିବା ସତ୍ତ୍ୱେ, *ଏହି ଆଦେଶର ପ୍ରକାଶନ ତାରିଖ ପରେ* ଏକ ଉଚ୍ଚତର ପଦବୀକୁ ପଦୋନ୍ନତି କ୍ଷେତ୍ରରେ, ଉଚ୍ଚତର ପଦବୀ ବେତନହାରରେ ବେତନ ସ୍ଥିର କରିବା ସମୟରେ ସର୍ବନିମ୍ନ ଦୁଇଟି ବୃଦ୍ଧିର ସୁବିଧା ଦିଆଯିବ । ନିୟମାବଳୀ ଅଧୀନରେ ସେହି ବେତନହାରରେ ବାର ମାସର ଯୋଗ୍ୟକାରୀ ସେବା ସମାପ୍ତ ହେବା ପରେ ଉଚ୍ଚତର ପଦବୀର ବେତନହାରରେ ପରବର୍ତ୍ତୀ ବୃଦ୍ଧିକୁ ଅନୁମତି ଦିଆଯିବ । ଏହି ବିନିୟମାବଳୀ ଭାବୀ ପ୍ରକୃତିର ଏବଂ ଯେଉଁମାନେ ବିନିୟମାବଳୀ କାର୍ଯ୍ୟକାରୀ ହେବା ପରେ ଯୋଗ୍ୟ ଏବଂ ପଦୋନ୍ନତି ପାଇଛନ୍ତି, କେବଳ ସେମାନେ ଦୁଇଟି ଅଗ୍ରୀମ ବୃଦ୍ଧି ପାଇବାକୁ ହକଦାର ଏବଂ ଯେଉଁମାନେ ଏହି ନିୟମାବଳୀ ପୂର୍ବରୁ ପଦୋନ୍ନତି ପାଇଛନ୍ତି ସେମାନେ ନୁହଁନ୍ତି । *ଅଣ-ବିରୋଧାଭାସ* ଖଣ୍ଡ ଏବଂ ବିନିୟମ 3 ସ୍ପଷ୍ଟ ଭାବରେ ଦର୍ଶାଏ ଯେ ଯଦି କୌଣସି ଅସଙ୍ଗତି ଥାଏ, ତେବେ ବିନିୟମ ଅନ୍ୟ ଯେକୌଣସି ନିୟମାବଳୀ ଉପରେ ପ୍ରାଧାନ୍ୟ ପାଇବ । ଏହି ବୈଧାନିକ ପୃଷ୍ଠଭୂମିରେ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବରେ ପ୍ରତିବାଦୀଙ୍କୁ ସୁବିଧା ପ୍ରଦାନ କରିବାରେ ତ୍ରୁଟି କରିଛନ୍ତି । କିନ୍ତୁ ଯେହେତୁ ପ୍ରତିବାଦୀ ପୂର୍ବରୁ ଚାକିରୀରୁ ଅବସର ନେଇସାରିଛନ୍ତି, ଆମ୍ଭେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶରେ ହସ୍ତକ୍ଷେପ କରିବାକୁ ମନା କରୁଛୁ । ତଦନୁସାରେ ଦେୱାନୀ ଆବେଦନର ଫଏସଲା କରାଯାଉଛି । କୌଣସି ବାବଦ ଖର୍ଚ୍ଚ  ନାହିଁ ।
ଜି.ଏନ.

ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**